# ୧୨ ଠିକାଦାରଙ୍କୁ କାରଣଦର୍ଶାଅ ନୋଟିସ୍

## ଆରଡି ବ୍ରିଜ୍ , ହଲ୍ କାମ ଆରମ୍ଭ ହେଉନି

ଛତ୍ରପୁର, ୧୩।୨ (ସନ୍ତୋଷ ପାଢୀ)

ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ଡିଭିଜନ ବ୍ରହ୍ମପୁର ସ୍ଥିତ ଗଞ୍ଜାମ-୧ ଓ ୨ ଏବଂ ଭଞ୍ଜନଗର ଅଧୀନରେ ପ୍ରଧାନମନ୍ତ୍ରୀ ସଡ଼କ ଓ ବିଜୁ ସଡ଼କ ଯୋଜନାରେ ବିଭିନ୍ନ ନାଳ ଉପରେ ବ୍ରିଜ୍, ବହୁମୁଖୀ ହଲ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଥିଲା। ଉକ୍ତ ଡିଭିଜନମାନଙ୍କ ପକ୍ଷରୁ ଠିକାଦାରଙ୍କ ଜରିଆରେ ଏସବୁ ତ୍ୱରାନ୍ୱିତ ପାଇଁ ଟେଣ୍ଡର କରି ଏମାନଙ୍କ ସହ ଚୁକ୍ତି ହୋଇଥିଲା। ତେବେ ଠିକାଦାରମାନଙ୍କ ମନମୁଖୀ ଓ ଅବହେଳା ଯୋଗୁଁ ଅଧିକାଂଶ ବ୍ରିଜ୍ ନିର୍ମାଣ କାମ ଆରମ୍ଭ ହୋଇନି। ଏଥିସହ କେଉଁଠି କାମର ଚୁକ୍ତି ତାରିଖ ସରିଯାଇଥିବା ବେଳେ ଆଉ କେଉଁଠି କାମର ଅହେତୁକ ବିଳମ୍ବ ହେଉଥିବା ଜଣାପଡିଛି। ଏନେଇ ୧୨ ଜଣ ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ୍ ଗ୍ରାମ୍ୟ ଉନ୍ନୟନ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କ ପକ୍ଷରୁ ଜାରି ହୋଇଛି। ସେଥିମଧ୍ୟରେ ବ୍ରହ୍ମପୁର ଗ୍ରାମ୍ୟ ଉନ୍ନୟନ ଡିଭିଜନ ଗଞ୍ଜାମ-୨ ପକ୍ଷରୁ ୨ ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥିବାବେଳେ ଗଞ୍ଜାମ-୧ ପକ୍ଷରୁ ୯ ଜଣ ଏବଂ ଭଞ୍ଜନଗର ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀଙ୍କ ପକ୍ଷରୁ ଜଣେ ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ୭ଦିନ ମଧ୍ୟରେ ଏହାର ଉତ୍ତର ଦେବାକୁ କୁହାଯାଇଛି। କ୍ଲଜ୍ ୫୨.୨ (ଏ,ଇ,ଏଫ୍,ଜି ଓ ଜେ) ଆଧାରରେ ଚୁକ୍ତି କାହିଁ ବାତିଲ ନ କରାଯିବ, କ୍ଲଜ୍ ୪୪ ଓ ୫୩ ଆଧାରରେ ଜରିମାନା ଆଦାୟ କାହିଁକି କରା ନ ଯିବ, କ୍ଲଜ୍ ୪୩.୪ ର ସେକ୍ସନ୍ -୪ ଜିସିସି ଅଫ୍ ଏସ୍‌ବିଡି ଆଧାରରେ କାର୍ଯ୍ୟାନୁଷ୍ଠାନ ଓ ସିକ୍ୟୁରିଟି ଡିପୋଜିଟ୍‌ରୁ ଖର୍ଚ୍ଚ କାଟ୍ ନକରାଯିବ ସେନେଇ ଉତ୍ତର ଦେବାକୁ କାରଣଦର୍ଶାଅ ନୋଟିସ୍ ଜାରିହୋଇଛି।

କାମ ସରିବାର ଚୁକ୍ତି ଅବଧି ସରିବା ପରେ ମଧ୍ୟ ଅରଖପୁର-ରାଧେସିଆ ଭାୟା ବାଢୁଆପଲ୍ଲୀ ଖୋଲ ରାସ୍ତା ର ନାଳ ଉପରେ ବ୍ରିଜ୍ କାମ ଆରମ୍ଭ ହୋଇନି। ସେହିପରି ବିଜୁ ସଡ଼କ ଯୋଜନାରେ ଘୋଡାପଡାରୁ ଧୋବବଣିଆ ରାସ୍ତା , ଖଦଲାପଲ୍ଲୀ- ପୋକାସୁଙ୍ଗା ରାସ୍ତା , ଉସ୍ତା- ନିରସାହାପଲ୍ଲୀ ରାସ୍ତା ଏବଂ ଆଉ ୪ ଟି ରାସ୍ତା ଉପରେ ମଧ୍ୟ ବ୍ରିଜ୍ ନିର୍ମାଣ କାମ ଆରମ୍ଭ ହୋଇନି। ଏଥିଲାଗି ଉକ୍ତ କାମ ନେଇଥିବା ଠିକାଦାରମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଆହୁରି ଜଣାଯାଇଛି ଯେ କରାତଳି ଠାରୁ ବ୍ରାହ୍ମଣିଆପଲ୍ଲୀ ଆରଡି ରାସ୍ତା ଭାୟା ଶ୍ରୀରାମପୁର ରାସ୍ତା କାମ କାର୍ଯ୍ୟ ଅତ୍ୟନ୍ତ ଧିମା ରହିଛି। ୨୦୨୨ ସେପ୍ଟେମ୍ବର ୨୧ରୁ ଏହି କାମ ର ଅବଧି ସରିଯାଇଥିଲେ ହେଁ ବର୍ତ୍ତମାନ ସୁଦ୍ଧା ୫୯.୭୫ ପ୍ରତିଶତ କାମ ହିଁ ସରିଛି। ସେହିପରି ଆର୍‌ଡିଠାରୁ ନିତ୍ୟାନନ୍ଦପଲ୍ଲୀ ରାସ୍ତା ନାଳ ଉପରେ ବ୍ରିଜ୍ ନିର୍ମାଣ କାର୍ଯ୍ୟର ଅବଧି ୨୦୨୩ ଡିସେମ୍ବର ୨୧ ତାରିଖରେ ସରିଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ମାତ୍ର ୩୦.୩ ପ୍ରତିଶତ କାମ ସରିପାରିଛି। ପୁରୁଷୋତ୍ତମପୁର ଏନଏସି ଅଧୀନ ନଇତଡ ସାହି ଓ କୁମାରୀଠାରେ ବହୁମୁଖୀ ହଲର କାମ ଏଯାବତ ଆରମ୍ଭ ହୋଇନି। ସେହିପରି ଭଞ୍ଜନଗର ଡିଭିଜନ ଅଧିନରେ ନିର୍ମାଣ ହୋଇଥିବା ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ନିର୍ମିତ ରାସ୍ତାର ବାର୍ଷିକ ମରାମତି କାମ କରାଯାଇନି। ଏଥିଲାଗି ସଂପୃକ୍ତ ଠିକାଦାରଙ୍କୁ ଚୂଡାନ୍ତ କାରଣଦର୍ଶାଅ ନୋଟିସ୍ ଜାରି ହୋଇଛି।

**ସଂକ୍ଷେପରେ**

## ଆଜି ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଜିଲା ଗସ୍ତ

ଶେରଗଡ, ୧୩।୨ (ସୂର୍ଯ୍ୟନାରାୟଣ ଦାଶ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଗଞ୍ଜାମ ଜିଲା ଗସ୍ତରେ ଆସୁଛନ୍ତି। ଶେରଗଡ ପାଇଁ ନୂଆ ପ୍ରକଳ୍ପ ଭେଟିଦେବେ। ୧୫ ରୁ ଅଧିକ ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହି ପରିପ୍ରେକ୍ଷୀରେ ହେଲିପେଡ କାମ, ସଭାସ୍ଥଳ, ପାର୍କିଂ ସ୍ଥଳ, ଖାଇବା ସ୍ଥଳ, ଭିଆଇପି ପାର୍କିଂ ସ୍ଥଳ କାମ ସରିଥିବା ବେଳେ ମଙ୍ଗଳବାର ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଓ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା କାର୍ଯ୍ୟ ତଦାରଖ କରିଛନ୍ତି। ଉପଜିଲାପାଳ ଭଞ୍ଜନଗର ଅନିଲ କୁମାର ସେଠୀ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତଚନ୍ଦ୍ର ମହାପାତ୍ର, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ସୋମନାଥ ତ୍ରିପାଠୀ, କ୍ଷୁଦ୍ର ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ତ୍ରିପାଠୀ, ହରଭଙ୍ଗା ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ରାଜୀବ କୁମାର ପଣ୍ଡିତ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ବରିଷ୍ଠ ନେତା ହୃଷିକେଶ ପାଢୀ, ହୀନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କ ମୃତ୍ୟୁ: ୮ଦିନ ପରେ ସ୍ୱାମୀ ଗିରଫ

ବ୍ରହ୍ମପୁର, ୧୩।୨ (ସୁବାସ ଚନ୍ଦ୍ର ପାଢ଼ୀ)

ବଡ଼ବଜାର ଥାନା ଓମନଗର ସ୍ଥିତ ଏକ ଘରୁ ଗତ ୫ ତାରିଖ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିଲା। ଘଟଣା ପରଠାରୁ ତାଙ୍କ ସ୍ୱାମୀ ଫେରାର ଥିଲେ। ବଡବଜାର ଥାନା ପୋଲିସ ତାଙ୍କୁ ୮ଦିନ ପରେ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ପାଣ୍ଡିଆଖୋଲି ଗ୍ରାମର ପ୍ରଶାନ୍ତ ପାତ୍ର (୩୯)। ମାମଲା ନମ୍ବର ୪୭/୨୪ରେ ତାଙ୍କୁ ପୋଲିସ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଓମନଗରରେ ଭଡାରେ ରହୁଥିବା ପ୍ରଶାନ୍ତ ପାତ୍ରଙ୍କ ସ୍ତ୍ରୀ ସସ୍ମିତା ପାତ୍ରଙ୍କ ମୃତଦେହ ପୋଲିସ ଜବତ କରିଥିଲା। ହେଲେ ସେହି ସମୟରେ ପ୍ରଶାନ୍ତ ଘରେ ଅନୁପସ୍ଥିତ ଥିଲେ। ସସ୍ମିତାଙ୍କ ମୃତ୍ୟୁକୁ ନେଇ ତାଙ୍କ ବାପ ଘର ଲୋକେ ହତ୍ୟା ଅଭିଯୋଗ କରିବା ପରେ ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ କରିଥିଲା।

## ଖେଳକୁ କେନ୍ଦ୍ରକରି ୨ ଗୋଷ୍ଠୀ ମୁହାଁମୁହିଁ, ୩ ଗିରଫ

ବ୍ରହ୍ମପୁର, ୧୩।୨ (ସୁବାସ ଚନ୍ଦ୍ର ପାଢ଼ୀ)

ସଦର ଥାନା ଡେଙ୍ଗାପଦର ଗ୍ରାମରେ ଖେଳକୁ କେନ୍ଦ୍ରକରି ଦୁଇ ପକ୍ଷଙ୍କ ମଧ୍ୟରେ ଆକ୍ରମଣ ଓ ପ୍ରତି ଆକ୍ରମଣ ଭଳି ଘଟଣା ଘଟିଥିଲା। ପୋଲିସ ଡେଙ୍ଗାପଦର ଗ୍ରାମର ବିକ୍ରମ ନାୟକ(୧୯) ଓ ତାଙ୍କ ଭାଇ ସଂଗ୍ରାମ ନାୟକ(୨୩)ଙ୍କୁ ଗିରଫ କରିଛି। ସେହିପରି ଅନ୍ୟ ଏକ ମାମଲାରେ ସେହି ଗ୍ରାମର ମନୋଜ ନାୟକ(୨୨)ଙ୍କୁ ଗିରଫ କରିଛି। ଭଲିବଲ ଖେଳକୁ କେନ୍ଦ୍ର କରି ଡେଙ୍ଗାପଦର ଗ୍ରାମର ମନୋଜଙ୍କ ସହ ଗ୍ରାମର ବିକ୍ରମ ଓ ସଂଗ୍ରାମଙ୍କ ମଧ୍ୟରେ ଝଗଡା ହୋଇଥିଲା। ୨ ଦିନ ତଳେ ମନୋଜ ନିଜ ଘର ସମ୍ମୁଖରେ ବସିଥିବା ବେଳେ ଉକ୍ତ ୨ ଭାଇ ସେଠାରେ ପହଞ୍ଚି ତାଙ୍କୁ ଗାଳିଗୁଲଜ କରିଥିଲେ। ପ୍ରତିବାଦ କରିବାରୁ ଦୁଇ ଭାଇ ମିଶି ଏକ ଲୁହା ରଡରେ ତାଙ୍କୁ ଆକ୍ରମଣ କରିଥିଲେ। ଗ୍ରାମାବସୀ ପହଞ୍ଚିଯିବାରୁ ଦୁଇ ଭାଇ ଚାଲି ଯାଇଥିଲେ। ଏ ନେଇ ମନୋଜ ସଦର ଥାନାରେ ଅଭିଯୋଗ କରିଥିଲେ। ସେହିପରି ମନୋଜ ମଧ୍ୟ ସେମାନଙ୍କୁ ଧମକ ଦେବା ସହ ଜଣେ ମହିଳାଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା।

## ୧୬ରେ ଦେଶବ୍ୟାପୀ ହରତାଳ

ଛତ୍ରପୁର, ୧୩।୨ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଓ ସଂଯୁକ୍ତ କିଷାନ ମୋର୍ଚ୍ଚାମାନଙ୍କ ପକ୍ଷରୁ ଗ୍ରାମୀଣ ଭାରତ ବନ୍ଦକୁ ସଫଳ କରିବା ପାଇଁ ଆସନ୍ତା ୧୬ ଫେବୃଆରୀ ଦେଶବ୍ୟାପୀ ହରତାଳ ବା ଧର୍ମଘଟ ଡାକରା ଦିଆଯାଇଛି। ବୁଧବାର ଛତ୍ରପୁରସ୍ଥିତ ଲକ୍ଷ୍ମଣ ଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଆଇଟିୟୁସିରୁ ଶ୍ରମିକ ଓ ଚାଷୀନେତା ନୀଳକଣ୍ଠ ଦାସ, ଆଇଏନଟିୟୁସି ଶ୍ରମିକନେତା ଇଜୁ ଆମିନ ଖାନ, ଏଚ୍‌ଏମ୍‌ଏସ୍ ନେତା ରାଜେନ୍ଦ୍ର ଦାସ, ଟିୟୁସିସି ନେତା ସନ୍ତୋଷ ସାହୁ, ଚାଷୀନେତା ଦୁର୍ଯ୍ୟୋଧନ ପରିଡ଼ା, ଋଷିକୂଲ୍ୟା ରୟତ ମହାସଂଘ ଚାଷୀନେତା ସୀମାଞ୍ଚଳ ନାହାକ, ବିକେଏମୟୁ ନେତା ଗୁରୁନାଥ ପ୍ରଧାନ, ରାଜୀବ ଲୋଚନ ପଣ୍ଡା ପ୍ରମୁଖ ପ୍ରସ୍ତୁତି ବୈଠକରେ ଯୋଗଦେଇ କିଭଳି ଶାନ୍ତି ଶୃଙ୍ଖଳାରେ ସହ ଧର୍ମଘଟ ସଫଳ ହେବ ତାହା ନେଇ ଆଲୋଚନା ହେବା ସହ କାର୍ଯ୍ୟକ୍ରମ ପ୍ରସ୍ତୁତି ହୋଇଥିଲା।

## ଗ୍ରାମ୍ୟ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ



ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ବିଧାୟିକା।

ଆସିକା ୧୩।୨ (ସୁରେନ୍ଦ୍ରନାଥ ସାହୁ)

ଆସିକା-କବିସୂର୍ଯ୍ୟନଗର ମୁଖ୍ୟ ରାସ୍ତାର ଆସିକା ବ୍ଲକ ଅନ୍ତର୍ଗତ କୋଟିନଡା ଠାରେ କୋଟିନଡା-ବାବନପୁର ଗ୍ରାମ୍ୟ ରାସ୍ତାର ମଙ୍ଗଳବାର ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ କୋଟିନଡା ଠାରୁ ଗୋଲାପଲ୍ଲୀ, ଖାରିଆ, ସାହାପୁର ଦେଇ ବାବନପୁର ଯାଉଥିବା ଏହି ନୂତନ ରାସ୍ତା ଲାଗି ୩ କୋଟି ୨୫ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଥିବା ଜଣାପଡିଛି। ଏହି ନୂତନ ରାସ୍ତା ନିର୍ମାଣ ହେବା ଦ୍ୱାରା ସଂପୃକ୍ତ ଅଞ୍ଚଳର ପ୍ରାୟ ୨୦ ଖଣ୍ଡ ଗ୍ରାମର ଗ୍ରାମବାସୀ ବିଶେଷ ଉପକୃତ ହେବେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଭଗବାନ ସାହୁ, ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ତ୍ରିଭୁବନ କହଁର, କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର ପ୍ରଧାନ, ଜିଲ୍ଲାପରିଷଦ ସଦସ୍ୟା ଅନିମା ପରିଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ପରିଡା, ଅନିଲ କୁମାର ନାୟକ, ଅଭିମନ୍ୟୁ ନାହାକ, ନନ୍ଦ କୁମାର ବିଷୋୟୀ, ରାଜେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖାଗ୍ନି ପୂର୍ବରୁ ବଞ୍ଚିଯାଇଥିବା ମହିଳାଙ୍କୁ ମିଳିଲା ଚିକିତ୍ସା ସୁବିଧା

ବ୍ରହ୍ମପୁର, ୧୩।୨ (ସ୍ମୃତି ରଞ୍ଜନ ମହାଲିକ/ ତନୁଶ୍ରୀ ନାହାକ)



ଭାଜପା ନେତାଙ୍କ ସହଯୋଗରେ ବୁଚି ଆମ୍ମାଙ୍କୁ ଏମକେସିଜିରେ ଭର୍ତ୍ତି।

ବ୍ରହ୍ମପୁର ମହାନଗର ୨୮ ନଂ ୱାର୍ଡ ଗୁଡସରୋଡ ତ୍ରିନାଥ ମନ୍ଦିର ସାହିର ଶିବରାମ ପାଳଙ୍କ ସ୍ତ୍ରୀ ବୁଚି ଆମ୍ମା ମୁଖାଗ୍ନି ପୂର୍ବରୁ ଜୁଇରେ ଆଖି ଖୋଲିଥିବା ଘଟଣା ଧରିତ୍ରୀରେ ପ୍ରକାଶ ପରେ ତାଙ୍କ ସ୍ତ୍ରୀଙ୍କ ଚିକିତ୍ସାକୁ ନେଇ ତତ୍ପରତା ପ୍ରକାଶ ପାଇଛି। ବୁଚି ଆମ୍ମା ଏମକେସିଜିର ସର୍ଜରୀ ମହିଳା ୱାର୍ଡର ୩୮୯ ନଂ ଶଯ୍ୟାରେ ଚିକିତ୍ସାଧୀନ ଅଛନ୍ତି। ବୁଚି ଆମ୍ମାଙ୍କୁ ବର୍ତ୍ତମାନ ଅକ୍ସିଜେନ ଦିଆଯାଇଛି। ତାଙ୍କ ଶରୀରର ୬୦% ଜଳିଯାଇଛି। ତାଙ୍କୁ ସମସ୍ତ ପ୍ରକାର ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଛି, ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସୁଥିବା ଏମକେସିଜି ସୁପିରିନଟେଣ୍ଡେଣ୍ଟ ପ୍ରଫେସର ସୁଚିତ୍ରା ଦାଶ କହିଛନ୍ତି। ତାଙ୍କୁ ବ୍ୟାଣ୍ଡେଜ କରିବାକୁ ୨ ଘଣ୍ଟା ସମୟ ଲାଗିଥିଲା। ଶିରା ପ୍ରଶିରା ଦେଖା ନ ଯିବା କାରଣରୁ ବେକ କଣା କରାଯାଇ ସାଲାଇନ ଦିଆଯାଇଛି। ବୁଧବାରଠାରୁ ରକ୍ତ ଦିଆଯିବ ବୋଲି କୁହାଯାଇଛି। ୨ ଦିନ ପରେ ନାକ ମାଧ୍ୟମରେ ଖାଦ୍ୟ ଦିଆଯିବ। ରକ୍ତ ପରୀକ୍ଷା ରିପୋର୍ଟ ଅନୁଯାୟୀ ଅନ୍ୟାନ୍ୟ ଚିକିତ୍ସା କରାଯିବ ବୋଲି ସୂଚନା ମିଳିଛି। ବର୍ତ୍ତମାନ ବୁଚି ଆମ୍ମାଙ୍କ ନିକଟରେ ତାଙ୍କ ସ୍ୱାମୀ ଅଛନ୍ତି। କିନ୍ତୁ ତାଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବା କାରଣରୁ ସେ ଖାଇବା ପାଇଁ ମଧ୍ୟ ପଇସା ନ ଥିବା ଶିବରାମ କହିଛନ୍ତି। ଏଣୁ ଜିଲା ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ପାଇଁ ସେ ଅନୁରୋଧ କରିଛନ୍ତି। ଅନ୍ୟପଟେ ଭାଜପା ଗଞ୍ଜାମ ଜିଲା ସାଂଗଠନିକ ଉପସଭାପତି ରାମ କୁମାର ପାତ୍ରଙ୍କ ନେତୃତ୍ୱରେ ଶିବରାମଙ୍କୁ ଆର୍ଥିକ ସହାୟତା ନିମନ୍ତେ କିଛି ବଦାନ୍ୟ ବ୍ୟକ୍ତି ସହାୟତାର ହାତ ବଢାଇଛନ୍ତି।

## ସହରାଞ୍ଚଳ ବିକାଶ ସଚେତନତା କାର୍ଯ୍ୟକ୍ରମ

ଦିଗପହଣ୍ଡି, ୧୩।୨ (ଅଶେଷ ନାଥ ମିଶ୍ର)

ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ ପାଇଁ ମଙ୍ଗଳବାର ଦିଗପହଣ୍ଡି ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼.ଅଶୋକ କୁମାର କର୍ଣ୍ଣଙ୍କ ସଭାପତିତ୍ୱରେ ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଉପାଧ୍ୟକ୍ଷା କେ. ପୂଜା, ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶ ସେଠୀ, ଦିଗପହଣ୍ଡି ସେକ୍ସନ ଫରେଷ୍ଟର ସନ୍ତୋଷ କୁମାର ବିଷୋୟୀ, ଦିଗପହଣ୍ଡି ଅଙ୍ଗନୱାଡ଼ି ସେକ୍ଟର ସୁପରଭାଇଜର ବିଳାସିନୀ ପାଣିଗ୍ରାହୀ, କାଉନସିଲର ନୀଳମାଧବ ଗୌଡ, ସୁଶାନ୍ତ ପାତ୍ର, ଗୌରାଙ୍ଗ ଚରଣ ବେହେରା ମଞ୍ଚାସୀନ ଥିଲେ।

## ଥାନାରେ ହାଜର ହେଲେ ୨ ସିନିୟର୍ ଛାତ୍ର

**ଏମ୍‌କେସିଜି ଛାତ୍ରଙ୍କୁ ର୍ୟାଗିଂ ଘଟଣା**

ବ୍ରହ୍ମପୁର, ୧୩।୨ (ସୁବାସ ଚନ୍ଦ୍ର ପାଢ଼ୀ)

ଏମକେସିଜି ମେଡିକାଲ କଲେଜରେ ର୍ୟାଗିଂ ଘଟଣାକୁ ନେଇ ବୈଦ୍ୟନାଥପୁର ଥାନା ପୋଲିସ ମାମଲା ରୁଜୁ କରି ଅନୁସନ୍ଧାନ ଜାରି ରଖିଛି। ଏହି ଘଟଣାରେ ମାମଲା ରୁଜୁ ହୋଇଥିବା ଦୁଇ ଛାତ୍ରଙ୍କୁ ଥାନାରେ ହାଜର ହେବା ପାଇଁ ପୋଲିସ ନୋଟିସ ଜାରି କରିଥିଲା। ଏଣୁ ଉଭୟ ଛାତ୍ର ଥାନାରେ ହାଜର ହୋଇଛନ୍ତି। ଭବିଷ୍ୟତରେ ଏଭଳି ଭୁଲ କରିବା ନାହିଁ ବୋଲି ଲିଖିତ ଆକାରରେ ପ୍ରତିଶ୍ରୁତି ଦେବା ପରେ ପୋଲିସ ସେମାନଙ୍କୁ ସିଆରପିସି ଧାରା ୪୧ରେ ଛାଡି ସେପଟେ ମେଡିକାଲ କଲେଜ ତରଫରୁ ମଧ୍ୟ ଆଣ୍ଟି ର୍ୟାଗିଂ ସେଲ ଦ୍ୱାରା ଘଟଣାର ତଦନ୍ତ କରାଯାଉଛି। ଆସନ୍ତା ୧୫ ତାରିଖରେ କମିଟିର ବୈଠକ ବସିବ। ଏହି ବୈଠକରେ ର୍ୟାଗିଂ ଘଟଣା ଉପରେ ଆଲୋଚନା କରାଯିବ। ସେହିପରି ଅଭିଯୋଗକାରୀ କରିଥିବା ଅଭିଯୋଗର ସତ୍ୟତା ଯାଞ୍ଚ କରାଯିବ। ର୍ୟାଗିଂ ସମ୍ପର୍କରେ ପ୍ରମାଣ ମିଳିଲେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏମକେସିଜି ମେଡିକାଲ କଲେଜ ଅଧ୍ୟକ୍ଷ ତଥା ଡିନ ପ୍ରଫେସର ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି।

## ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ବୁଗୁଡା, ୧୩।୨ (କାଳିଚରଣ ଦାଶ)

ବୁଗୁଡା ବ୍ଲକ ଅନ୍ତର୍ଗତ ଗୌଡିଆବୋରଦା ପଞ୍ଚାୟତରେ ମଙ୍ଗଳବାର ପାର୍ଶ୍ୱସ୍ଥ ପଡିଆଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୌଡିଆବୋରଦା ସରପଞ୍ଚ ସୁନ୍ଦରୀ ମହାରଥାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ବିଡିଓ ସନ୍ତୋଷ କୁମାର ଜେନା, ବୁଗୁଡ଼ା ବ୍ଲକ ଅଧ୍ୟକ୍ଷା କେ. ପ୍ରିୟଦର୍ଶିନୀ ଆଚାରୀ, ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ଜିଲା ପରିଷଦ ସଭ୍ୟ ଗଙ୍ଗାପାଣି ଜେନା, ସିଡିପିଓ ବବିତା ପଣ୍ଡା ପ୍ରମୁଖ ଅତିଥି ରୂପେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସଫଳତା ବିଷୟରେ ଲୋକମାନଙ୍କୁ ସଚେତନ କରାଇଥିଲେ। ଜିପିଇଓ ମନୋଜ କୁମାର ସାହୁ ଓ ନୃସିଂହ ଚରଣ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଏଥିରେ ସମିତିସଭ୍ୟା ଲିଲି ବିଷୋୟୀ, ପୋଚାଲୁଣ୍ଡି ସରପଞ୍ଚ ପ୍ରତିନିଧି ଭଗବାନ ଜେନା, ତାକରଡା ସରପଞ୍ଚ ଦିଲ୍ଲୀପ କୁମାର ପ୍ରଧାନ, ପ୍ରକାଶ ଚନ୍ଦ୍ର ମହାରଥାଙ୍କ ସମେତ ଅନ୍ୟ ଜନପ୍ରତିନିଧି, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ସିଆରପି, ଏମ୍‌ବିକେ, ଏସ୍‌ଏଚ୍‌ଜି ମହିଳାଗଣ ଓ ପଞ୍ଚାୟତବାସୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସରପଞ୍ଚ ପ୍ରତିନିଧି ପ୍ରକାଶ ଚନ୍ଦ୍ର ମହାରଥା ସଂପୂର୍ଣ୍ଣ ସହଯୋଗ କରିଥିଲେ। ଏହି ଅବସରରେ କୃତୀ ପିଇଓ, ଜିଆର୍‌ଏସ୍ ଏବଂ କୃତୀ ଉପସ୍ଥାପନାକାରୀ ନୃସିଂହ ଚରଣ ଦାସଙ୍କୁ ପୁରସ୍କୃତ କରାଯାଇଥିଲା।

## ଝୋଟ ବ୍ୟାଗ ଜାଳିଲେ ଭାଜପା କର୍ମୀ

ଖଲ୍ଲିକୋଟ, ୧୩।୨ (ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ କହ୍ନେଇପୁର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ଚିହ୍ନ ଥିବା ବ୍ୟାଗକୁ ଭାଜପା କର୍ମୀମାନେ ଜାଳିଦେଇଛନ୍ତି। ସରକାରଙ୍କ ନିର୍ଦ୍ଦେଶକ୍ରମେ ପଞ୍ଚାୟତ ଅଫିସରେ ଯୋଗାଣ ସହାୟକ ଶଙ୍କର ନାୟକ ଲୋକଙ୍କୁ ଆମ ଓଡ଼ିଶା ନବୀନ ଓଡ଼ିଶା ଲେଖା ଥିବା ବ୍ୟାଗ ବଣ୍ଟୁଥିଲେ। ଏହି ସମୟରେ ପଞ୍ଚାୟତରେ ପଶି ଭାଜପା କର୍ମୀ କେତେକ ବ୍ୟାଗରେ ନିଆଁ ଲଗାଇ ଦେଇଥିଲେ। ରାଜ୍ୟ ଭାଜପା ନେତ୍ରୀ ଅନିତା ଶୁଭଦର୍ଶୀନି, ଭାଜପା ଜିଲା ସାଧାରଣ ସମ୍ପାଦକ ଅନିଲ କୁମାର ପଣ୍ଡା, ଆସିକା ସଂସଦୀୟ କ୍ଷେତ୍ର ସଂଯୋଜକ ଯଜ୍ଞ ନାରାୟଣ ଦାସ ପ୍ରମୁଖ ଭାଜପା କର୍ମୀ ଉପସ୍ଥିତ ଥିଲେ। ପଞ୍ଚାୟତକୁ ଧସେଇ ପଶିବା ସହ ଯୋଗାଣ ସହାୟକଙ୍କୁ ମାଡ ମାରିବା ଅଭିଯୋଗ ନେଇ ଯୋଗାଣ ସହାୟକ ଶଙ୍କର ନାୟକ ଖଲ୍ଲିକୋଟ ଥାନାରେ ଏତଲା ଦେଇଛନ୍ତି। ଏନେଇ ପୋଲିସ କାହାକୁ ଗିରଫ କରିନଥିବା ବେଳେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସରପଞ୍ଚ ପ୍ରକାଶ ଚନ୍ଦ୍ର ସାସମଲ ଦାବି କରିଛନ୍ତି। ଅନ୍ୟପକ୍ଷରେ ଘୁମୁସର ଜିଲା ସାଧାରଣ ସମ୍ପାଦକ ଅନୀଲ କୁମାର ପଣ୍ଡା ନିୟମ ଉଲଂଘନ କରି ଦଳୀୟ ଚିହ୍ନ ରଖି ବ୍ୟାଗ ବଣ୍ଟନକୁ ଆମେ ବିରୋଧ କରୁଥିବାର ପ୍ରକାଶ କରିଥିଲେ।

## ନାବାଳିକାଙ୍କୁ ପିସିଆର ଡ୍ରାଇଭରଙ୍କ ବଳାତ୍କାର ଉଦ୍ୟମ

ପୁରୁଷୋତ୍ତମପୁର, ୧୩।୨ (ସିମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ପୋଲିସରେ ମଙ୍ଗଳବାର ଏକ କଳଙ୍କର ଦାଗ ଲାଗିଛି। ପୁରୁଷୋତ୍ତମପୁର ଥାନା ପିସିଆର ଭ୍ୟାନରେ ଡ୍ରାଇଭର ଭାବେ କାର୍ଯ୍ୟରତ କୁନାଲ ବେହେରା ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏନଇ ପୀଡିତା ମଙ୍ଗଳବାର ପୋଲିସରେ ଲିଖିତ ଅଭିଯୋଗ କରଛନ୍ତି। ନାବାଳିକା ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ରବିବାର ସେ ତାଙ୍କ ମାଉସୀ ଓ ଭଉଣୀମାନଙ୍କ ସହ ଘରେ ବସି କଥାବାର୍ତ୍ତା ହେଉଥିବା ବେଳେ ତାଙ୍କ ବାରିପଟ କବାଟ ଶବ୍ଦ ହୋଇଥିଲା। ନାବାଳିକା ଜଣକ ଯାଇ କବାଟ ଖୋଲିବା ବେଳେ କୁନାଲ ଜୋରଜବରଦସ୍ତ ଟାଣିନେଇ କବାଟ ବନ୍ଦ କରିଦେବା ସହିତ ପାଟିକୁ ଚାପିଧରି ଜୀବନରେ ମାରିଦେବାକୁ ଧମକ ଦେଇ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକା ଜଣଙ୍କ ଘରକୁ ଆସିବାରେ ବିଳମ୍ବ ହେବାରୁ ଭଉଣୀମାନେ ଯାଇ ଖୋଜିଥିଲେ ମଧ୍ୟ ନ ପାଇ ତାଙ୍କ ମା'ଙ୍କୁ ଜଣାଇଥିଲେ। ମାଆ ଆସି କବାଟ ବାଡ଼େଇ ଡାକିବାରୁ କୁନାଲ ନାବାଳିକାଙ୍କୁ ଛାଡି ପାଚେରି ଡେଇଁ ଚମ୍ପଟ ମାରିଥିଲେ। ସେହିପରି ଗତ କିଛିମାସ ତଳେ ନାବାଳିକା ଜଣଙ୍କ କଲେଜରୁ ଫେରିବା ବେଳେ କୁନାଲ ତାଙ୍କୁ ବାଇକରେ ଆଣି ଗ୍ରାମକୁ ନ ନେଇ ଅନ୍ୟ ଏକ ସ୍ଥାନରେ ବଳାତ୍କାର କରିଥିଲେ। ଏହି ଘଟଣା କାହାରିକୁ ଜଣାଇଲେ ତା'ର ବାପାଙ୍କୁ ପୋଲିସ ଗାଡ଼ି ଚଢ଼ାଇ ମାରିଦେବାର ଧମକ ଦେଇଥିଲେ। ସେତେବେଳେ ନାବାଳିକାଙ୍କ ମା' ବାପା କୁନାଲଙ୍କୁ ପଚାରିବାରେ ସେ ଭୁଲ ମାଗିବା ସହ ଆଉ ଏପରି କାର୍ଯ୍ୟ କରିବେ ନାହିଁ କହିଥିଲେ। ଲୋକ ଲଜ୍ଜାକୁ ଡରି ସେତେବେଳେ ଥାନାରେ ଅଭିଯୋଗ କରି ନଥିଲେ। ପୁନର୍ବାର କୁନାଲ ସେଭଳି ବ୍ୟବହାର କରିଥିବା ନେଇ ନାବାଳିକା ଜଣକ ତାଙ୍କ ବାପା, ମାଆ ଓ ଆଈଙ୍କ ସହ ମଙ୍ଗଳବାର ପୁରୁଷୋତ୍ତମପୁର ଥାନାକୁ ଆସି ଲିଖିତ ଅଭିଯୋଗ କରିଛନ୍ତି। ଆଇଆଇସି ବିପିନ ବିହାରୀ ହୋତା କହିଛନ୍ତି, ଅଭିଯୋଗକୁ ନେଇ କାଉନସିଲିଂ ସହ ତଦନ୍ତ କରିବାକୁ ମହିଳା ଏସଆଇ ପ୍ରିୟଙ୍କା ବେହେରାଙ୍କୁ ଦାୟିତ୍ୱ ଦିଆଯାଇଛି। କୁନାଲ ଆଉଟସୋର୍ସିଂରେ ରହି ପିସିଆର ଗାଡ଼ି ଚଲାଉଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଅନ୍‌ସ୍ଲୋ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଛତ୍ରପୁର, ୧୨।୨ (ଦିଲ୍ଲୀପ ସାମଲ)

ଛତ୍ରପୁରର ସର୍ବ ପୁରାତନ ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ଅନ୍ତଃ ହାଉସ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଆସୋସିଏଟ ପ୍ରଫେସର ଡ଼. ଶରତ କୁମାର କଣ୍ଡ, ମୁଖ୍ୟବକ୍ତା ଭାବେ ଛତ୍ରପୁର କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱିନୀ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଛତ୍ରପୁର ବିଇଓ ସୀତାରାମ ପାତ୍ର, ବେଗୁନିଆପଡା ବିଇଓ ରୁଦ୍ର ନାରାୟଣ ସାହୁ, କଞ୍ଚୁରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସୁଜିତ କୁମାର ପାଢ଼ୀ, ଛତ୍ରପୁର ଏବିଇଓ ସଂଯୁକ୍ତା ରଥ, ଛତ୍ରପୁର ଇଣ୍ଡିଆନ ବ୍ୟାଙ୍କର ବରିଷ୍ଠ ପ୍ରବନ୍ଧକ କୈଳାଶ ଚନ୍ଦ୍ର ବେହେରା ଓ ଅମୀୟ ଅମିତାଭ ଧଳ ଉପସ୍ଥିତ ଥିଲେ। ଏହି ଅବସରରେ ବାର୍ଷିକ ମୁଖପାତ୍ର "ବାଳାଦିତ୍ୟ "ଉନ୍ମୋଚିତ ହୋଇଥିଲା।

## ସୁନାରିଖୋଳାରେ ପାନୀୟ ଜଳ ଅଭାବ



ହାଣ୍ଡି, ମାଠିଆ ଧରି ବ୍ଲକ ଅଫିସ ଯାଉଛନ୍ତି ମହିଳାମାନେ।

କବିସୂର୍ଯ୍ୟନଗର, ୧୩।୨ (କୃପାସିନ୍ଧୁ ସ୍ୱାଇଁ)

ସରକାର ବସୁଧା ଯୋଜନାରେ ପ୍ରତି ଘରକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଉଥିବା ବେଳେ କବିସୂର୍ଯ୍ୟନଗର ବ୍ଲକ ସୁନାରିଖୋଳାରେ ତାହା ଫେଲ ମାରିଛି। ଏହି ପଞ୍ଚାୟତ ଅନ୍ତର୍ଗତ ସାନପଙ୍କଲବାଡ଼ି ବାସୀଙ୍କୁ ମିଳୁନି ପାନୀୟ ଜଳ। ଶତାଧିକ ମହିଳା ମଙ୍ଗଳବାର ବ୍ଲକ ଆସି ଅଭିଯୋଗ କରିଛନ୍ତି। ସୁନାରିଖୋଳା ପଞ୍ଚାୟତ ମୁଖ୍ୟତଃ ସାନପଙ୍କଲବାଡ଼ି, ସୁନାତିଖୋଳ, ବେଲପୁର ଗାଁକୁ ନେଇ ଗଠିତ। ସାନପଙ୍କଲବାଡ଼ିରେ ଦୀର୍ଘ ୧୦ବର୍ଷରୁ ଊର୍ଦ୍ଧ୍ୱ ହେଲା ପାନୀୟ ଜଳ ସମସ୍ୟା ଲାଗି ରହିଛି। ଏହି ଅଞ୍ଚଳର ମହିଳା ପୋଖରୀର ଦୂଷିତ ଜଳ ଉପରେ ନିର୍ଭର କରୁଛନ୍ତି। ତେଣୁ ଗାଁ ପୋଖରୀରୁ ଜଳ ହାଣ୍ଡି, ମାଠିଆ ଧରି ବ୍ଲକ ଅଫିସ ଆସିଥିଲେ ବହୁ ମହିଳା। ଖୁବଶୀଘ୍ର ପାନୀୟ ଜଳ ଦେବା ଯୋଗାଇ ଦେବା ପାଇଁ ବିଡିଓଙ୍କୁ ଦାବି ଜଣାଇଥିଲୁ। ବିଡିଓ ସାଗରିକା ଷଡଙ୍ଗୀ କହିଛନ୍ତି, ଶୀଘ୍ର ଏହାର ସମାଧାନ କରାଯିବ।

ଆଜି ଭାଲେଣ୍ଟାଇନ୍ସ ଡେ'

## ପ୍ରଥମ ପସନ୍ଦ ସ୍ପେଶିଆଲ ଚକୋଲେଟ୍

ବ୍ରହ୍ମପୁର, ୧୩।୨ (ତନୁଶ୍ରୀ ନାହାକ)



ଗତ ୭ରୁ ଆରମ୍ଭ ହୋଇଛି ପ୍ରେମ ଦିବସ (ଭାଲେଣ୍ଟାଇନ୍ସ ଡେ)। ଖାସ ପ୍ରେମୀଯୁଗଳଙ୍କ ପାଇଁ ମୁଖ୍ୟତଃ ଏହି ଦିବସ ମହତ୍ୱ ରଖୁଥିବାବେଳେ ଏହି ଦିନଟି ସେଣ୍ଟ ଭାଲେଣ୍ଟାଇନଙ୍କ ତ୍ୟାଗକୁ ମନେପକାଇବା ନିମନ୍ତେ ଆରମ୍ଭ ହୋଇଥିବା ଇତିହାସରୁ ଜଣାପଡେ। ତେବେ ଯୁଗ ବଦଳିବା ସହ ଭାଲେଣ୍ଟାଇନରେ ପ୍ରେମ ନିବେଦନର ପରିଭାଷା ମଧ୍ୟ ବଦଳିଛି। ଫେବୃଆରୀ ୭ରୁ ୧୪ ପର୍ଯ୍ୟନ୍ତ ପ୍ରେମ ଦିବସର ବିଭିନ୍ନ ଦିନରେ ଗୋଲାପ ଦିବସ, ପ୍ରେମ ନିବେଦନ ଦିବସ, ଆଲିଙ୍ଗନ ଦିବସ, ଚକଲେଟ, ପ୍ରତିଶ୍ରୁତି ଦିବସ, ଚୁମ୍ବନ ଦିବସ,ଟେଡ଼ି ବିୟର ବା ଉପହାର ପ୍ରଦାନ ଦିବସ ଓ ଶେଷରେ ଭାଲେଣ୍ଟାଇନ ବା ପ୍ରେମ ଦିବସ ପାଳିତ ହେଉଛି। ପ୍ରେମୀଯୁଗଳମାନେ ପ୍ରତ୍ୟେକ ଦିନ ଗୋଲାପ ଫୁଲଠାରୁ ଆରମ୍ଭ କରି ଗୋଲାପ ଫୁଲତୋଡ଼ା, ସୁନ୍ଦର ସୁନ୍ଦର ଉପହାର, ପ୍ରତିଶ୍ରୁତି ବାର୍ତ୍ତା ଲିଖିତ ପତ୍ର, ଚକଲେଟ ଆଦି ପାର୍କ, ବେଳାଭୂମି, ହୋଟେଲ ଭଳି ସ୍ଥାନରେ ପରସ୍ପରକୁ ଉପହାର ଦେଇ ନିଜ ଅନ୍ତରର ଆବେଗ ଓ ଭାବନା ପ୍ରକାଶ କରନ୍ତି। ଏହିପରି ସମୟରେ ସିଜନାଲ ଷ୍ଟୋରଗୁଡ଼ିକରେ ମଧ୍ୟ ବ୍ୟବସାୟୀମାନେ ଭଲ ଦୁଇ ପଇସା ରୋଜଗାର କରନ୍ତି। ତେବେ ସୋସିଆଲ ମିଡିଆ ଆସିବା ପରେ ଫୁଲ ବ୍ୟବସାୟ ମାନ୍ଦା ହେଉଥିବା ପୁରୁଣା ବସଷ୍ଟାଣ୍ଡ ଓ ସୁବାରାଓ ଛକସ୍ଥିତ ଫୁଲ ବ୍ୟବସାୟୀ ମାନେ କହିଛନ୍ତି। ବ୍ୟବସାୟୀ ବିଭୁତି ପାଳ କହିଛନ୍ତି ଯେ, ପୂର୍ବରୁ ଭାଲେଣ୍ଟାଇନ ସପ୍ତାହରେ ଲକ୍ଷାଧିକ ଟଙ୍କା ଫୁଲ ଆମଦାନୀ ହେଉଥିଲା। କିନ୍ତୁ ଚଳିତ ବର୍ଷ ମାତ୍ର ୪୦ରୁ ୫୦ ହଜାର ଟଙ୍କାର ଫୁଲ ଆମଦାନୀ ହୋଇଛି। କେବଳ ସରସ୍ୱତୀ ପୂଜା ହିଁ ଭରସା। ପୁରାତନ ସିଜନାଲ ଷ୍ଟୋର ବ୍ୟବସାୟୀ ରଞ୍ଜନା ମିଶ୍ର କହିଛନ୍ତି ଯେ,ଚଳିତ ବର୍ଷ ମାର୍କେଟରେ ବିଭିନ୍ନ ଡ଼ିଜାଇନର ଭାଲେଣ୍ଟାଇନ କାର୍ଡ଼ ଉପଲବ୍ଧ ହେଉଛି। ୫୦ରୁ ଆରମ୍ଭ କରି ୧୫୦୦ଟଙ୍କା ପର୍ଯ୍ୟନ୍ତ କାର୍ଡ଼ ମଗାଯାଇଥିଲେ ସୁଦ୍ଧା ଗ୍ରାହକଙ୍କ ଦେଖାନାହିଁ। କେବଳ କେଡ଼ବରୀ ଡ଼େରୀମିଲ୍କର ଭାଲେଣ୍ଟାଇନ ସ୍ପେଶିଆଲ ଚକୋଲେଟ୍‌ର ଚାହିଦା ରହିଛି, ଯାହାର ମୂଲ୍ୟ ୩୦୦ରୁ ୪୦୦ ଟଙ୍କା ରହିଥିବା ବ୍ୟବସାୟୀମାନେ କହିଛନ୍ତି।

